The Odisha Gazette

EXTRAORDINARY
PUBLISHED BY AUTHORITY

No.2502, CUTTACK, THURSDAY, AUGUST 7, 2025/ SRAVANA 16, 1947

HOME (ELECTIONS) DEPARTMENT

NOTIFICATION

The 7th August, 2025

No.3970─EC-CON-COE-0041-2025/Elec. ─ The following Public Notice dated 7th August, 2025 of Returning Officer for the Vice-Presidential Election, 2025 and Secretary-General, Rajya Sabha published in the Extraordinary issue of Gazette of India, Part-II, Section 3, Sub-Section (iii) dated the 7th August, 2025; is hereby republished in Extraordinary issue of the *Odisha Gazette* for general information.

By Order
R.S.GOPALAN
Chief Electoral Officer, Odisha

OFFICE OF THE RETURNING OFFICER FOR VICE-PRESIDENTIAL ELECTION, 2025

PUBLIC NOTICE
OF
ELECTION TO THE OFFICE OF VICE-PRESIDENT OF INDIA

WHEREAS a notification under sub-section (1) of Section 4 of the Presidential and Vice-Presidential Elections Act, 1952, for the holding of an election to fill the Office of Vice-President of India has been issued by the Election Commission, I, P.C. MODY, the Returning Officer for such election, do hereby give notice that-

(i) nomination papers may be delivered by a candidate or any one of his proposers or seconders to the undersigned at his office in Room No. RS-28, First Floor, Parliament House, New Delhi, or if he is unavoidably absent, to the Assistant Returning Officers, Ms. Garima Jain, Joint Secretary/Shri Vijay Kumar, Director, Rajya Sabha Secretariat at the said office between 11

a.m. and 3 p.m. on any day (other than a public holiday) not later than Thursday, the 21st August, 2025;

(ii) each nomination paper shall be accompanied by a certified copy of the entry relating to the candidate in the electoral roll for the Parliamentary constituency in which the candidate is registered as an elector;

(iii) every candidate shall deposit or cause to be deposited a sum of Rupees Fifteen Thousand only. This amount may be deposited in cash with the Returning Officer at the time of presentation of the nomination paper or deposited earlier in the Reserve Bank of India or in a Government Treasury and in the latter case a receipt showing that the said deposit of the sum has been so made is required to be enclosed with the nomination paper;

(iv) forms of nomination papers may be obtained from the above said office at the time aforesaid;

(v) the nomination papers, other than those rejected under sub-section (4) of Section 5B of the Act, will be taken up for scrutiny at the said office in Room No. F-100, Sangoshthi-2, First Floor, Parliament House, New Delhi, on Friday, the 22nd August, 2025 at 11 a.m.;

(vi) the notice of withdrawal of candidatures may be delivered by a candidate, or any one of his proposers or seconders who has been authorised in this behalf in writing by the candidate, to the undersigned at the place specified in paragraph (i) above before three o'clock in the afternoon of Monday, the 25th August, 2025;

(vii) in the event of the election being contested, the poll will be taken on Tuesday, the 9th September, 2025 between the hours of 10 a.m. and 5 p.m. at the place of polling fixed under the rules.

Sd/-

New Delhi,
Dated the 7th of August, 2025

(P.C. MODY)
RETURNING OFFICER FOR THE
VICE-PRESIDENTIAL ELECTION, 2025
AND
SECRETARY-GENERAL, RAJYA SABHA

ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ

ଅଧିସୂଚନା

ତା ୭ ଅଗଷ୍ଟ, ୨୦୨୫ରିଖ

ସଂଖ୍ୟା.3970—EC-CON-COE-0041-2025/Elec.— ଉପରାଷ୍ଟ୍ରପତି ନିର୍ବାଚନ,୨୦୨୫ ପାଇଁ ନିର୍ବାଚନ ଅଧିକାରୀ ଏବଂ ମହାସଚିବ,ରାଜ୍ୟସଭାଙ୍କ ଦ୍ୱାରା ଭାରତ ରାଜପତ୍ର, ଅସାଧାରଣ, ଭାଗ-II, ଅନୁଭାଗ 3 (iii) ତା ୭ ଅଗଷ୍ଟ, ୨୦୨୫ ରିଖରେ ପ୍ରକାଶିତ ନିମ୍ନଲିଖିତ ସାର୍ବଜନିକ ସୂଚନାର ଓଡିଆ ଅନୁବାଦ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୁନଃ ପ୍ରକାଶନ କରାଗଲା ।

ଆଦେଶ କ୍ରମେ

ଆର.ଏସ୍. ଗୋପାଳନ

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

ଉପ-ରାଷ୍ଟ୍ରପତି ନିର୍ବାଚନ,୨୦୨୫ ନିମନ୍ତେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ

ଭାରତର ଉପରାଷ୍ଟ୍ରପତି ପଦ ନିର୍ବାଚନ ସମ୍ବନ୍ଧୀୟ ସାର୍ବଜନିକ ସୂଚନା

ଯେହେତୁ, ଭାରତର ଉପରାଷ୍ଟ୍ରପତି ପଦ ପୂରଣ କରିବା ନିମିତ୍ତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ , ୧୯୫୨ ର ଧାରା ୪ ର ଉପଧାରା (୧) ଅନୁଯାୟୀ ଏକ ଅଧିସୂଚନା ପ୍ରକାଶ କରାଯାଇଛି, ମୁଁ, ପି.ସି. ମୋଦୀ ଏହି ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ, ଏତଦ୍‌ଦ୍ୱାରା ସୂଚନା ଦେଉଅଛି ଯେ :-

(i) ମନୋନୟନ ପତ୍ରଗୁଡ଼ିକ ଜଣେ ପ୍ରାର୍ଥୀ କିମ୍ବା ତାଙ୍କର ପ୍ରସ୍ତାବକ କିମ୍ବା ସମର୍ଥକ ମାନଙ୍କ ମଧ୍ୟରୁ କୌଣସି ଜଣକ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରକୋଷ୍ଠ ସଂଖ୍ୟା ଆରଏସ ୨୮, ପ୍ରଥମ ମହଲା, ସଂସଦ ଭବନ, ନୂଆଦିଲ୍ଲୀଠାରେ ଥିବା ତାଙ୍କ କାର୍ଯ୍ୟାଳୟରେ ଅଥବା ସେ ଯଦି ଅପରିହାର୍ଯ୍ୟ କାରଣ ବଶତଃ ଅନୁପସ୍ଥିତ ଥାଆନ୍ତି, ତେବେ ସହକାରୀ ନିର୍ବାଚନ ଅଧିକାରୀ, ସୁଶ୍ରୀ ଗରିମା ଜୈନ, ଯୁଗ୍ମ ସଚିବ କିମ୍ବା ଶ୍ରୀ ବିଜୟ କୁମାର, ନିର୍ଦ୍ଦେଶକ, ରାଜ୍ୟ ସଭା ସଚିବାଳୟଙ୍କୁ ଉକ୍ତ କାର୍ଯ୍ୟାଳୟରେ ଯେକୌଣସି ଦିନ (ସାର୍ବଜନିକ ଛୁଟିଦିନ ବ୍ୟତୀତ) ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ, ତା ୨୧ ଅଗଷ୍ଟ, ୨୦୨୫ ରିଖ (ଗୁରୁବାର) ସୁଦ୍ଧା ଦିଆଯାଇ ପାରିବ ।

(ii) ପ୍ରତ୍ୟେକ ମନୋନୟନ ପତ୍ର ସହିତ ପ୍ରାର୍ଥୀ ଯେଉଁ ସଂସଦୀୟ ନିର୍ବାଚନ ମଣ୍ଡଳୀର ନିର୍ବାଚକ ନାମାବଳୀରେ ଜଣେ ନିର୍ବାଚକ ଭାବେ ରେଜିଷ୍ଟ୍ରୀଭୁକ୍ତ ହୋଇଥିବେ, ତାହାର ଏକ ପ୍ରାମାଣିକ ନକଲ ସଂଲଗ୍ନ କରାଯିବ ।

(iii) ପ୍ରତ୍ୟେକ ପ୍ରାର୍ଥୀ ପନ୍ଦର ହଜାର ଟଙ୍କା ମାତ୍ର ଜମା କରିବେ ବା କରାଇବେ । ଏହି ଅର୍ଥ ମନୋନୟନ ପତ୍ର ଦାଖଲ କରିବା ସମୟରେ ନିର୍ବାଚନ ଅଧିକାରୀଙ୍କ ଠାରେ ନଗଦ ଜମା କରାଯାଇ ପାରିବ କିମ୍ବା ଏଥି ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ କିମ୍ବା କୌଣସି ଏକ ସରକାରୀ ଟ୍ରେଜେରୀରେ ଏହି ଅର୍ଥ ଜମା କରାଯାଇ ଥିବାର ଉପରାନ୍ତ ପ୍ରମାଣ ସ୍ୱରୂପ ଏକ ରସିଦ, ମନୋନୟନ ପତ୍ର ସହ ସଂଲଗ୍ନ କରାଯିବା ଆବଶ୍ୟକ ।

(iv) ମନୋନୟନ ପତ୍ର ଗୁଡିକର ଫର୍ମ ଉପରୋକ୍ତ କାର୍ଯ୍ୟାଳୟରେ ଉପରୋକ୍ତ ସମୟରେ ମିଳିପାରିବ ।

(v) ଅଧିନିୟମର ଧାରା 5ଖ ର ଉପଧାରା (4) ଅନୁଯାୟୀ ଅଗ୍ରାହ୍ୟ ହୋଇଥିବା ମନୋନୟନ ପତ୍ର ଗୁଡିକୁ ଛାଡି ଅନ୍ୟ ମନୋନୟନ ପତ୍ର ଗୁଡିକ ପ୍ରକୋଷ୍ଠ ସଂଖ୍ୟା ଏଫ-୧୦୦, ସଂଗୋଷ୍ଠୀ-୨, ପ୍ରଥମ ମହଲା, ସଂସଦ ଭବନ, ନୂଆଦିଲ୍ଲୀ ଠାରେ ଥିବା ଉକ୍ତ କାର୍ଯ୍ୟାଳୟରେ, ତା ୨୨ ଅଗଷ୍ଟ, ୨୦୨୫ ରିଖ, (ଶୁକ୍ରବାର), ପୂର୍ବାହ୍ନ ୧୧ ଘଟିକା ସମୟରେ ଯାଞ୍ଚ କରାଯିବ ।

(vi) ପ୍ରାର୍ଥୀତ୍ୱ ପ୍ରତ୍ୟାହାର ନିମିତ୍ତ ସୂଚନା ପ୍ରାର୍ଥୀ, କିମ୍ବା ପ୍ରାର୍ଥୀଙ୍କ ଦ୍ୱାରା ଏହି ଉପଲକ୍ଷେ ଲିଖିତ ଭାବେ ପ୍ରାଧିକୃତ ପ୍ରସ୍ତାବକ ବା ସମର୍ଥକ ମାନଙ୍କ ମଧ୍ୟରୁ କୌଣସି ଜଣଙ୍କ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କୁ ଉପରୋକ୍ତ ପାରା (୧) ରେ ବିନିର୍ଦ୍ଦିଷ୍ଟ ସ୍ଥାନରେ ତା. ୨୫ ଅଗଷ୍ଟ, ୨୦୨୫ ରିଖ,(ସୋମବାର) ଅପରାହ୍ନ ୩ ଘଟିକା ସମୟ ସୁଦ୍ଧା ଦିଆଯାଇପାରିବ ।

(vii) ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଆବଶ୍ୟକ ହେଲେ,ଏହି ନିୟମାବଳୀ ଅନୁଯାୟୀ ସ୍ଥିରୀକୃତ ହୋଇଥିବା ଭୋଟ ଗ୍ରହଣ ସ୍ଥାନରେ ତା. ୯ ସେପ୍ଟେମ୍ବର, ୨୦୨୫ ରିଖରେ (ମଙ୍ଗଳବାର) ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଭୋଟ ନିଆଯିବ ।

ନୂଆଦିଲ୍ଲୀ
୦୭ ଅଗଷ୍ଟ, ୨୦୨୫

ସ୍ୱା/-
(ପି.ସି. ମୋଦୀ)
ଉପ –ରାଷ୍ଟ୍ରପତି ନିର୍ବାଚନ, ୨୦୨୫ ନିମନ୍ତେ ନିର୍ବାଚନ ଅଧିକାରୀ ତଥା ମହାସଚିବ, ରାଜ୍ୟସଭା

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.1712-183+100